**ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ**

**ବନାମ**

**ଓ. ସି. କ୍ରିଷ୍ଣନ୍ ଏବଂ ଅନ୍ୟମାନେ**

**ଅଗଷ୍ଟ 13, 2001**

**[ବି. ଏନ୍. କିରପାଲ୍ ଏବଂ ଏନ୍. ସନ୍ତୋଷ ହେଗଡ଼େ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 226 ଏବଂ 227 - ଋଣ ଆଦାୟ ନ୍ୟାୟାଧିକରଣଙ୍କ ଆଦେଶ - ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଦେୟଯୋଗ୍ୟ ଋଣ ଆଦାୟ ଅଧିନିୟମ, 1993 ର ଧାରା 20 ଅନୁଯାୟୀ ଉପଲବ୍ଧ ଆବେଦନ ପ୍ରତିକାର - ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କ୍ଷେତ୍ରାଧିକାର ପ୍ରୟୋଗ - ଋଣ ଆଦାୟ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଡିକ୍ରି - କାରଖାନା ଏବଂ ଯନ୍ତ୍ରପାତି ଏବଂ ବନ୍ଧକ ସମ୍ପତ୍ତିର ବିକ୍ରୟ ଦ୍ୱାରା ପରିମାଣ ଆଦାୟ କରିବାକୁ ଅଗ୍ରସର ହେବା ପାଇଁ ଆଦାୟ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ - ପ୍ରତିଭୂତି ଦାତାଙ୍କ ଦ୍ୱାରା, ଯାହାଙ୍କ ସମ୍ପତ୍ତି ବନ୍ଧକ ରଖାଯାଇଥିଲା, ଅନୁଚ୍ଛେଦ 227 ଅନୁଯାୟୀ ଆଦେଶକୁ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆବେଦନକୁ ଅନୁମତି ଦିଆଯିବା - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ନ୍ୟାୟାଧିକରଣଙ୍କ ଆଦେଶ ଧାରା 20 ଅନୁଯାୟୀ ଆବେଦନଯୋଗ୍ୟ ଥିଲା - ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 227 ଅଧୀନରେ କ୍ଷେତ୍ରାଧିକାର ପ୍ରୟୋଗ କରିବାର ନଥିଲା - ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଦେୟଯୋଗ୍ୟ ଋଣ ଆଦାୟ ପାଇଁ ଏକ ବିଶେଷ ପ୍ରକ୍ରିୟା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଅଧିନିୟମ ପ୍ରଣୟନ କରାଯାଇଛି - ଏହି ଅଧିନିୟମରେ ପ୍ରଦାନ କରାଯାଇଥିବା ଆବେଦନର ପଦାନୁକ୍ରମ ରହିଛି ଏବଂ ଏହି ତ୍ୱରିତ ପ୍ରକ୍ରିୟାକୁ ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କିମ୍ବା ଦେୱାନୀ ମକଦ୍ଦମା ଦାୟର କରି ପଥଭ୍ରଷ୍ଟ ହେବାକୁ ଅନୁମତି ଦିଆଯାଇପାରିବ ନାହିଁ - ଯେତେବେଳେ ଏକ ବିକଳ୍ପ ପ୍ରତିକାର ରହିଥାଏ ସେତେବେଳେ ନ୍ୟାୟାଳୟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଥିବା କ୍ଷେତ୍ରାଧିକାର ପ୍ରୟୋଗରୁ ବିରତ ରହିବା ଉଚିତ୍ - ଏକ ଦେୱାନୀ ମକଦ୍ଦମା ଦାୟର କରିବାକୁ ସ୍ପଷ୍ଟ ଭାବରେ ନିଷେଧ କରାଯାଇଛି - ବିକଳ୍ପ ପ୍ରତିକାର - ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଦେୟଯୋଗ୍ୟ ଋଣ ଆଦାୟ ଅଧିନିୟମ, 1993 - ଧାରା 18 ଏବଂ 20 ।*

ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ବନାମ ଓ. ସି. କ୍ରିଷ୍ଣନ୍ ଏବଂ ଅନ୍ୟମାନେ

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5287/2001 ।

ପ୍ରତ୍ୟାକ୍ଷେପ ସଂଖ୍ୟା 1305/97 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ 6.6.2000 ତାରିଖର ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଶ୍ରୀଯୁକ୍ତ ଧ୍ରୁବ ମେହେଟ୍ଟା, ସୁଶ୍ରୀ ଶୋଭା, ସୁଶ୍ରୀ ଅନୁ ମେହେଟ୍ଟା, ଶ୍ରୀଯୁକ୍ତ ସପ୍ତରଷି ଘୋଷ୍ ଏବଂ ଶ୍ରୀଯୁକ୍ତ ଏସ୍. କେ. ମେହେଟ୍ଟା ।

ଉତ୍ତରଦାତାମାନଙ୍କ ତରଫରୁ ଶ୍ରୀଯୁକ୍ତ ଭି. ଜେ. ଫ୍ରାନ୍ସିସ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଶେଷ ଅନୁମତି ମଞ୍ଜୁର କରାଗଲା ।

ଏହି ପ୍ରାସଙ୍ଗିକ ମାମଲାରେ, ମୁଖ୍ୟ ଋଣଗ୍ରହୀତା ତଥା ପ୍ରତିଭୂତି ଦାତାଙ୍କଠାରୁ ଅର୍ଥ ଆଦାୟ ପାଇଁ ଆବେଦନକାରୀଙ୍କ ଦ୍ୱାରା ଏକ ମକଦ୍ଦମା ଦାୟର କରାଯାଇଥିଲା । ଏହି ମକଦ୍ଦମାକୁ ଋଣ ଆଦାୟ ନ୍ୟାୟାଧିକରଣଙ୍କୁ ସ୍ଥାନାନ୍ତର କରାଯାଇଥିଲା ଏବଂ ତାହା ପରେ 17 ମେ, 1996 ରେ କଲିକତାସ୍ଥିତ ଋଣ ଆଦାୟ ନ୍ୟାୟାଧିକରଣଙ୍କ ଦ୍ୱାରା ଡିକ୍ରି ପାରିତ ହୋଇଥିଲା । ଉକ୍ତ ମକଦ୍ଦମାଟି ସୁଧ ସହିତ 12,09,175.39 ଟଙ୍କାର ରାଶି ପାଇଁ ମୁଖ୍ୟ ଋଣଗ୍ରହୀତା ତଥା ପ୍ରତିଭୂତି ଦାତାମାନଙ୍କ ବିରୁଦ୍ଧରେ  ଡିକ୍ରି ହୋଇଥିଲା, ଏବଂ ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଆଦାୟ ଅଧିକାରୀ ପ୍ରଥମେ ଉତ୍ତରଦାତା, ଯଥାକ୍ରମେ 5 ଏବଂ 4 ଙ୍କ ବନ୍ଧକ ଥିବା କାରଖାନା ଏବଂ ଯନ୍ତ୍ରପାତି ଏବଂ ବନ୍ଧକ ସମ୍ପତ୍ତିର ବିକ୍ରୟ ଦ୍ୱାରା ପରିମାଣ ଆଦାୟ କରିବାକୁ ଅଗ୍ରସର ହେବେ ଏବଂ ତାହା ପରେ ଯଦି କିଛି ବଳକା ପରିମାଣ ଥାଏ ତେବେ ତାକୁ ଆଇନ ଅନୁଯାୟୀ ଆଦାୟ କରିବାକୁ ଅଗ୍ରସର ହେବେ । ତଦନୁସାରେ, ପ୍ରମାଣ ପତ୍ର ଜାରି କରାଯାଇଥିଲା ଏବଂ ଆଦାୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା ।

ଉତ୍ତରଦାତା, ଯିଏକି ଜଣେ ପ୍ରତିଭୂତି ଦାତା ଥିଲେ ଏବଂ ଯାହାଙ୍କ ସମ୍ପତ୍ତି ବନ୍ଧକ ରଖାଯାଇଥିଲା ବୋଲି କୁହାଯାଇଥିଲା, ସେ ଅନୁଚ୍ଛେଦ 227 ଅନୁଯାୟୀ କଲିକତା ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାୟର କରିଥିଲେ । ଯେହେତୁ ବନ୍ଧକ ସମ୍ପତ୍ତି ଚେନ୍ନାଇରେ ଅବସ୍ଥିତ ଥିଲା, ତେଣୁ ଋଣ ଆଦାୟ ନ୍ୟାୟାଧିକରଣଙ୍କ କୌଣସି ଆଞ୍ଚଳିକ ଅଧିକାରକ୍ଷେତ୍ର ନଥିଲା ଏବଂ ଏହା ବନ୍ଧକ ସମ୍ପତ୍ତିର ବିକ୍ରୟ ନିର୍ଦ୍ଦେଶ ଦେଇପାରିନଥାନ୍ତା - ଉଚ୍ଚ ନ୍ୟାୟାଳୟ ଏହା କହି ଏହି

ଆବେଦନକୁ ଅନୁମତି ଦେଇଥିଲେ । ତଦନୁସାରେ, ଏହା ବିଚାର କରିଥିଲେ ଯେ ବନ୍ଧକ ରଖାଯାଇଥିବା ସମ୍ପତ୍ତିର ବିକ୍ରୟ ଦ୍ୱାରା ଋଣ ଆଦାୟ ପାଇଁ ଉପଯୁକ୍ତ ବିଚାରପୀଠରେ ପ୍ରତିବାଦୀ ସଂଖ୍ୟା 4, ଏଠାରେ ଉତ୍ତରଦାତା, ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟାଙ୍କର ଅଧିକାର ରହିବ । ସେଥିପାଇଁ ଏହି ଆବେଦନ କରାଯାଇଛି ।

ଆମ୍ଭ ମତରେ, ବନ୍ଧକ ସମ୍ପତ୍ତିର ବିକ୍ରୟ ନିର୍ଦ୍ଦେଶ ଦେଇ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶଟି, ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଦେୟଯୋଗ୍ୟ ଋଣ ଆଦାୟ ଅଧିନିୟମ, 1993 (ସଂକ୍ଷେପରେ ଅଧିନିୟମ) ର ଧାରା 20 ଅନୁଯାୟୀ ଆବେଦନଯୋଗ୍ୟ ଥିଲା । ଏହି ଅଧିନିୟମରେ ଥିବା ବିକଳ୍ପ ପ୍ରତିକାରର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 227 ଅନୁଯାୟୀ ନିଜର କ୍ଷେତ୍ରାଧିକାର ପ୍ରୟୋଗ କରିବା ଉଚିତ ନଥିଲା । ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟର ସଠିକତା ବିଷୟରେ କୌଣସି ମତ ପ୍ରକାଶ କରିବାକୁ ଚାହୁଁନାହୁଁ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶ ସଠିକ୍ ଥିଲା କି ନାହିଁ ତାହା ଏକ ଉପଯୁକ୍ତ ବିଚାରପୀଠ ସମ୍ମୁଖରେ ବିଚାର କରାଯିବା ଆବଶ୍ୟକ ।

ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଦେୟଯୋଗ୍ୟ ଋଣ ଆଦାୟ ପାଇଁ ଏକ ବିଶେଷ ପ୍ରକ୍ରିୟା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଅଧିନିୟମ ପ୍ରଣୟନ କରାଯାଇଛି । ଏହି ଅଧିନିୟମରେ ପ୍ରଦାନ କରାଯାଇଥିବା ଆବେଦନର ପଦାନୁକ୍ରମ ରହିଛି, ଯଥା ଧାରା 20 ଅନୁଯାୟୀ ଏକ ଆବେଦନ ଦାୟର କରିବା ଏବଂ ଏହି ତ୍ୱରିତ ପ୍ରକ୍ରିୟାକୁ ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କିମ୍ବା ଦେୱାନୀ ମକଦ୍ଦମା ଦାୟର କରି, ଯାହାକି ସ୍ପଷ୍ଟ ଭାବରେ ନିଷେଧ, ପଥଭ୍ରଷ୍ଟ ହେବାକୁ ଅନୁମତି ଦିଆଯାଇପାରିବ ନାହିଁ । ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ ଏକ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଯେତେବେଳେ ଏକ ବିକଳ୍ପ ପ୍ରତିକାର ଉପଲବ୍ଧ ଥାଏ, ନ୍ୟାୟିକ ସାବଧାନତା ଏହା ଆବଶ୍ୟକ କରେ ଯେ ନ୍ୟାୟାଳୟ ଉକ୍ତ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏହାର କ୍ଷେତ୍ରାଧିକାର ପ୍ରୟୋଗରୁ ବିରତ ରହିବା ଉଚିତ୍ । ଏହା ଏପରି ଏକ ମାମଲା ଥିଲା ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ସମ୍ବିଧାନର ଅନୁଚ୍ଛେଦ 227 ଅନୁଯାୟୀ ଆବେଦନ ଗ୍ରହଣ କରିବା ଉଚିତ୍ ନଥିଲା ଏବଂ ଏହି ଅଧିନିୟମ ଦ୍ୱାରା ପ୍ରଦାନ କରାଯାଇଥିବା ଆବେଦନ ବ୍ୟବସ୍ଥାର ଆଶ୍ରୟ ନେବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେବା ଉଚିତ୍ ଥିଲା ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଏହି ଆବେଦନକୁ ଅନୁମତି ଦିଆଯାଇଛି ଏବଂ ପ୍ରତ୍ୟାକ୍ଷେପ ସଂଖ୍ୟା 1305/97 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି ।

ଆର୍. ପି.                                   ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।